# ଭାଜପା ଗଡ଼ ଭାଙ୍ଗିବାକୁ ବିଜେଡିର ପ୍ରଚେଷ୍ଟା

**ଉମରକୋଟ, ୩୧।୧(ସ୍ୱ.ପ୍ର.)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଉମରକୋଟ ନିର୍ବାଚନମଣ୍ଡଳରେ ଆରମ୍ଭ ହୋଇଯାଇଛି ଅଙ୍କକଷା। ଗତ ପଞ୍ଚାୟତ ନିର୍ବାଚନରେ ୫ ଜିଲା ପରିଷଦ ଆସନ ସହ ରାଇଘର ବ୍ଲକ ଚେୟାରମ୍ୟାନ ପଦ ହାତେଇଥିଲା ଭାଜପା। ଗୋଟିଏ ଜିଲା ପରିଷଦ ଆସନ ଓ ଉମରକୋଟ ବ୍ଲକ ଚେୟାରମ୍ୟାନ ପଦ ବିଜେଡିକୁ ମିଳିଥିଲା। ରାଇଘର ବ୍ଲକରେ ଭାଜପା ଜିଲା ପରିଷଦର ସମସ୍ତ ଆସନକୁ କ୍ଲିନ୍ ସୁଇପ କରିଥିବାରୁ ଶାସକ ବିଜେଡିକୁ ଲାଗିଥିଲା ଝଟ୍କା। ଚଳିତ ନିର୍ବାଚନରେ ଭାଜପା ଗଡ଼ ଭାଙ୍ଗିବାକୁ ଚେଷ୍ଟା ଚଳାଇଛି ବିଜେଡି।

୫ମ ପର୍ଯ୍ୟାୟରେ ଉମରକୋଟର ୩ ଓ ରାଇଘର ବ୍ଲକର ୪ ଟି ଜିଲା ପରିଷଦ ଆସନ ପାଇଁ ମତଦାନ ହେବ। ଉମରକୋଟର ୩ ଜୋନ୍‌ରେ ଭାଜପା, କଂଗ୍ରେସ ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ରାଇଘର ବ୍ଲକ ଜୋନ୍-୧ ରେ ଭାଜପା, କଂଗ୍ରେସ, ବିଜେଡି ଓ ଜଣେ ସ୍ୱାଧୀନ ପ୍ରାର୍ଥୀ, ଜୋନ୍ ୨ ଓ ୩ରେ ଭାଜପା, କଂଗ୍ରେସ ଓ ବିଜେଡି ଏବଂ ଜୋନ୍ ୪ରେ ଭାଜପା, ବିଜେଡି, କଂଗ୍ରେସ ସମେତ ବହୁଜନ ସମାଜବାଦୀ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଉମରକୋଟ ବ୍ଲକର ୩ ଜୋନ୍‌ରେ ୧୦୮୦୪୮ ଓ ରାଇଘର ବ୍ଲକ ୪ ଜୋନ୍‌ରେ ୧୨୩୧୨୮ ଭୋଟର ଅଛନ୍ତି।

ସବୁ ରାଜନୈତିକ ଦଳର ମୁଖ୍ୟ ଫୋକସ୍ ଭାଜପା ଗଡ଼ କୁହାଯାଉଥିବା ରାଇଘର ବ୍ଲକ ଉପରେ ରହିଛି। ଏହାକୁ ଭାଙ୍ଗିବାକୁ ଚେଷ୍ଟା ଚଳାଇଛି ବିଜେଡି। ଏମ୍‌ପି ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝି ନିଜେ ଗାଁ ଗାଁ ବୁଲି କର୍ମୀ ସମ୍ମିଳନୀ କରି ଲୋକଙ୍କ ସମସ୍ୟା ବୁଝୁଛନ୍ତି। ପର୍ଯ୍ୟବେକ୍ଷକ ତୁଷାରକାନ୍ତି ବେହେରା ବାରମ୍ବାର ରାଇଘର ଗସ୍ତ କରି କର୍ମୀଙ୍କ ମନୋବଳ ବଢ଼ାଇବାକୁ ଉଦ୍ୟମ କରୁଛନ୍ତି। ଗତ ନିର୍ବାଚନରେ ପ୍ରଦୀପ ମାଝି କଂଗ୍ରେସରେ ଥିବାବେଳେ ଏବେ ସେ ବିଜେଡିରେ। ତେଣୁ କଂଗ୍ରେସର କିଛି ଭୋଟ ବିଜେଡି ସପକ୍ଷରେ ଯାଇପାରେ ବୋଲି ଅନୁମାନ କରାଯାଉଛି। ରାଇଘର ବ୍ଲକରେ ହୋଇଥିବା ଶୌଚାଳୟ ଦୁର୍ନୀତିକୁ ନବରଙ୍ଗପୁର ଏମ୍‌ପି ଓ ପ୍ରଦୀପ ମାଝି ଲୋକଲୋଚନକୁ ଆଣିଥିଲେ। ରାଇଘରରେ ଥିବା ୪ ଜିଲା ପରିଷଦ ଆସନର ଫଳାଫଳ ଆଗାମୀ ବିଧାନସଭା ନିର୍ବାଚନରେ ବିଜେଡି ପାଇଁ ନିର୍ଣ୍ଣାୟକ ଭୂମିକା ନେବ ବୋଲି ଚର୍ଚ୍ଚା ହେଉଛି।

ରାଜ୍ୟ ସରକାରଙ୍କ ଜନ ହିତକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇ ଭୋଟ ମାଗିବୁ ବୋଲି ଏମ୍‌ପି ମାଝି କହିଛନ୍ତି। ଚଳିତ ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରି ଜିଲା ପରିଷଦ ଅଧ୍ୟକ୍ଷ ହେବ ବୋଲି ସେ କହିଛନ୍ତି। ୨ଟି ବ୍ଲକରେ ସମସ୍ତ ଜିଲା ପରିଷଦ ଆସନ ଓ ଦୁଇଟି ବ୍ଲକ ଚେୟାରମ୍ୟାନ ପଦ ଭାଜପା ହାତେଇବାକୁ ଯୋଜନା ଚଳାଇଛି। ଭାଜପା ପ୍ରାର୍ଥୀମାନେ କେନ୍ଦ୍ର ସରକାରଙ୍କ ଯୋଜନାକୁ ପୁଞ୍ଜିଭାବେ ନେଇ ପ୍ରଚାର କରୁଛନ୍ତି। କିନ୍ତୁ ଅଞ୍ଚଳରେ କୌଣସି ଆଖିଦୃଶିଆ କାମ ନ ହେବା ଓ ଉଜ୍ଜ୍ୱଳା ଯୋଜନାକୁ ନେଇ ଭାଜପାର ଭୋଟ କିଛି ମାତ୍ରାରେ କମିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆଶଙ୍କା କରୁଛନ୍ତି। ବିଜେଡିର ଦୁର୍ନୀତି ବିଷୟରେ ଲୋକଙ୍କୁ କହିବୁ। କେନ୍ଦ୍ର ଯୋଜନାକୁ ରାଜ୍ୟ ସରକାର ହାଇଜାକ କରି ଲୋକଙ୍କୁ କିପରି ଠକୁଛନ୍ତି ତାହାକୁ କହି ଭୋଟରଙ୍କଠାରୁ ଭୋଟ ମାଗିବୁ ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ରାଇଘର ବ୍ଲକରେ କଂଗ୍ରେସ ନେତା ବିହୀନ ହୋଇ ପଡ଼ିଛି। ତଥାପି କେତେଜଣ ପୁରୁଣା ନେତା ଓ କର୍ମୀଙ୍କୁ ନେଇ ଚଳିତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବାକୁ ଆଶା ବାନ୍ଧିଛି। ଗତ ନିର୍ବାଚନରେ କଂଗ୍ରେସ କୌଣସି ଜିଲା ପରିଷଦ ଆସନ ପାଇ ନ ଥିଲେ ମଧ୍ୟ ଚଳିତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା ଓ ଦୁର୍ନୀତି ଆଧାରରେ ଭୋଟରଙ୍କ ନିକଟତର ହେବୁ ବୋଲି ସେ କହିଛନ୍ତି। ଉଭୟ ଦଳରୁ ଟିକେଟ ନ ପାଇ ଅସନ୍ତୁଷ୍ଟ ଭାବରେ ସ୍ୱାଧୀନଭାବେ ଲଢ଼ୁଥିବା ୨ ପ୍ରାର୍ଥୀ ବିଜେଡି ଓ ଭାଜପାକୁ ମହଙ୍ଗା ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

## ସଂକ୍ଷେପରେ

### ମହର୍ଷି ଶ୍ରୀଅରବିନ୍ଦ ଏବଂ ରୂପାନ୍ତରିତ ବିଶ୍ୱଚେତନା ଆଲୋଚନାଚକ୍ର

ଡାବୁଗାଁ, ୩୧।୧(ଡି.ଏନ୍.ଏ.)- ନବଭାରତ ସୃଜନୀ ପରିବାର ଚେନ୍ନାଇ ପକ୍ଷରୁ 'ମହର୍ଷି ଶ୍ରୀଅରବିନ୍ଦ ଏବଂ ରୂପାନ୍ତରିତ ବିଶ୍ୱଚେତନା' ସମ୍ପର୍କିତ ଏକ ଆଲୋଚନାଚକ୍ର ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ହୋଇଛି। ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇଏଫ୍ଏସ୍ ଆଶୁତୋଷ ସାମନ୍ତ ସିଂହାରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଉପଦେଷ୍ଟା ଡକ୍ଟର ବାସନ୍ତୀ ମହାନ୍ତିଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସମ୍ପାଦକ ଅଶୋକ ସାମନ୍ତ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାବନ୍ଧିକ ତଥା କବି ରାଜଲକ୍ଷ୍ମୀ ତ୍ରିପାଠୀ, ପ୍ରାଧାପକ ଡ. କୈଳାସ ଚନ୍ଦ୍ର ମହାରଣା, ଅଧାପିକା ଡ. ସୁକାନ୍ତି ମହାପାତ୍ର ଅତିଥିଭାବେ ଉପସ୍ଥିତ ଥିଲେ। ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବି ରମେଶ ଚନ୍ଦ୍ର ପସାୟତ, କବି ବିଜୟଲକ୍ଷ୍ମୀ ପାଣିଗ୍ରାହୀ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସୁରେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ସହ ସଞ୍ଚାଳନ କରିଥିଲେ। କଣ୍ଠଶିଳ୍ପୀ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ଅଧାପିକା ଅସୋମ୍ପିତା ପୋଦ୍ଦାର, କଣ୍ଠଶିଳ୍ପୀ ରାଣୀ ଦାଶ, ସଂଯୁକ୍ତା ବେହେରା ମାତୃ ବନ୍ଦନା ସହ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ସଞ୍ଚାଳକ ତଥା ଉପସ୍ଥାପକ କବି ରମେଶ ଚନ୍ଦ୍ର ଧନ୍ୟବାଦ ଅର୍ପଣ କରି ଶାନ୍ତି ପାଠ ସହ ସଭା ସାଙ୍ଗ୍ କରିଥିଲେ।

### ମଦ ଚାଲାଣ ବେଳେ ୨ ଗିରଫ

ପାପଡ଼ାହାଣ୍ଡି, ୩୧।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳରେ ସୋମବାର ଅବକାରୀ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁମର ଜାନୀ ଓ ସନୁ ଜାନୀ। ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ଇନ୍ସପେକ୍ଟର ସୁଧୀର କୁମାର ସାହୁ, ପାପଡ଼ାହାଣ୍ଡି ଓଆଇସି ଅମିୟ ଖଞ୍ଜ ଏବଂ କର୍ମଚାରୀମାନେ ବ୍ଲକର ମଇଦଲପୁର, ପୁରୁଣା ମଇଦଲପୁର, କଣ୍ଟାସାରୁ, ସେମଳା ଓ ଡଙ୍ଗରିଗୁଡା ଅଞ୍ଚଳରେ ଚଢ଼ାଉ କରିଥିଲେ। ଏହି ସମୟରେ କଣ୍ଟାସାରୁ ଗ୍ରାମରେ ଏକ ବାଇକ୍‌ରେ ମଦ ନେଇ ଯାଉଥିବାବେଳେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୫ ଲିଟର ମଦ ସହ ଏକ ବାଇକ୍ ଜବତ କରାଯାଇଛି। ଏ ନେଇ ପାପଡ଼ାହାଣ୍ଡି ଅବକାରୀ କାର୍ଯ୍ୟାଳୟରେ କେସ୍ ନମ୍ବର ୯୭/୨୨ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଚଢ଼ାଉବେଳେ ବାଲ୍‌କୃଷ୍ଣ ନାୟକ, ରଞ୍ଜି ଜାନୀ, ଗୋତୁଲ ନାୟକ, ସନୁ ସେଠିଆ ଓ ସଦାଶିବ ଭତରା ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାପଡ଼ାହାଣ୍ଡି,୩୧।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଖଡ୍‌ଗରାୟ ସୋମବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇବା ସହ ପ୍ରୋଭିଜନାଲ ପେନ୍‌ସନ ପ୍ରଦାନ କରିଛନ୍ତି। ସୁଷମା ୧୯୮୨ରୁ ନିଜ ଚାକିରି ଜୀବନ ଆରମ୍ଭ କରି ବ୍ଲକର ବହୁ ବିଦ୍ୟାଳୟରେ କାମ କରିଛନ୍ତି। ସଦର ମହକୁମାର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ବହୁବର୍ଷ ଶିକ୍ଷାଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଅବସରରେ ତାଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଜଣାଇଥିଲେ।

### ମୋବାଇଲରେ ଖେଳିବାକୁ ମନା କରିବାରୁ ଘରୁ ପଳାଇଲେ

କୋରାପୁଟ,୩୧।୧(ସ୍ୱ.ପ୍ର.)- କୋରାପୁଟ ସହରରେ ଜଣେ ଛାତ୍ର ନିଖୋଜ ହୋଇଯାଇଥିବା ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ଛାତ୍ର ଜଣକ ହେଲେ ଅମୂଲ୍ୟ ପାଙ୍ଗୀ (୧୫)। ସେ ତାଙ୍କ ଘରେ ସବୁବେଳେ ମୋବାଇଲରେ ଖେଳୁଥିଲେ। ଏହାକୁ ପରିବାର ଲୋକେ ବାରଣ କରିବାରୁ ସେ ଗତ ୨୮ରୁ କେଉଁଆଡେ ଚାଲିଯାଇଛନ୍ତି। ଏଥିନେଇ ତାଙ୍କ ବାପା ଧୁର୍ଜୟ ପାଙ୍ଗି ଅମୂଲ୍ୟଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନ ପାଇ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏକ ନିଖୋଜ ମାମଲା ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି ଚାଲିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

## କୁଶାସନରୁ ମୁକୁଳିବାକୁ ଚାହୁଁଛନ୍ତି ଓଡ଼ିଶାବାସୀ: ବଳଭଦ୍ର

**ନବରଙ୍ଗପୁର,୩୧।୧(ବି.ପ୍ର.)**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

ରାଜ୍ୟ ସରକାର ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନାରୁ ରାଜ୍ୟବାସୀଙ୍କୁ ବଞ୍ଚିତ ରଖିଛନ୍ତି। ଦୀର୍ଘ ୨୨ବର୍ଷ ଧରି ବିଜେଡି ଶାସିତ ରାଜ୍ୟକୁ ଓଡ଼ିଶାବାସୀ ଦେଖିଛନ୍ତି ଏବଂ ଏଭଳି କୁଶାସନରୁ ସେମାନେ ମୁକ୍ତି ପାଇବାକୁ ଚାହୁଁଛନ୍ତି ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀ କରି ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି କହିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ପଞ୍ଚାୟତିରାଜ ପଦ୍ଧତି ପୂରା ଭଣ୍ଡୁର ହୋଇଯାଇଛି ବୋଲି ସେ କହିଛନ୍ତି।

ଗ୍ରାମସଭା, ପଲ୍ଲିସଭା, ପଞ୍ଚାୟତ ଓ ବ୍ଲକରେ ବୈଠକ କରି ଯେଉଁ ମତାମତ ଦିଆଯାଉଛି ତାହାକୁ ଗ୍ରହଣ କରାଯାଉ ନାହିଁ। ଜିଲା ପରିଷଦରେ ବିଭିନ୍ନ ବିଷୟ ଆଲୋଚନା ପରେ ଯେଉଁ ପ୍ରସ୍ତାବ ଦିଆଯାଉଛି ତାହା ସଚିବାଳୟରେ ବଦଳିଯାଉଛି। ଗଣତନ୍ତ୍ରରେ ଜନପ୍ରତିନିଧିଙ୍କୁ ଯେଉଁ କ୍ଷମତା ଦିଆଯାଇଛି ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ବଳଭଦ୍ର କହିଛନ୍ତି। କେନ୍ଦ୍ର ସରକାରଙ୍କ ଅର୍ଥ ଖର୍ଚ୍ଚ କରିବାର ଅଧିକାର ରହୁନାହିଁ। ଜିଲା କେବଳ ବିଡିଓ, ଜିଲାପାଳ ଓ ସଚିବଙ୍କ ଦ୍ୱାରା ପରିଚାଳିତ ହେଉଛି। କେନ୍ଦ୍ର ସରକାର ଗରିବଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନା କରିଛନ୍ତି। ଏ ସମସ୍ତ ପ୍ରସଙ୍ଗକୁ ନେଇ ଭାଜପା ଲୋକଙ୍କ ପାଖକୁ ଯିବ। ରାଜ୍ୟ ସରକାରଙ୍କ ବିରୋଧରେ 'ଲୋକଙ୍କ ଅଭିଯୋଗ ଅପାରଗ ରାଜ୍ୟ ସରକାର ' ଅଭିଯୋଗ ପତ୍ରକୁ ପ୍ରକାଶ କରାଯାଇଛି। ଏହି ସଭାରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଉପସ୍ଥିତ ଥିଲେ।

ମାଗଣାରେ ମିଳୁଥିବା ପ୍ରଧାନମନ୍ତ୍ରୀ ଆବାସ ପାଇଁ ଦଲାଲଙ୍କୁ ୨୦ ହଜାର, ପାଇଖାନା ପାଇଁ ୨ ହଜାର ଟଙ୍କା ଲାଞ୍ଚ କାହିଁକି ଦେବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୧୪ ପ୍ରତିଶତ ଲୋକ ଏବେ ବି ଚାଳଘରେ ବା ପଲିଥିନ ତଳେ ରହୁଛନ୍ତି। କେନ୍ଦ୍ର ସରକାର ମାଗଣାରେ ଚାଉଳ ଦେଇଥିବା ବେଳେ କାହିଁକି ପ୍ରକୃତ ହିତାଧିକାରୀ ଚାଉଳ ନ ପାଇ ଅନାହାରରେ ମରୁଛନ୍ତି, ଜିଲାରେ ଆବଶ୍ୟକ ଡାକ୍ତର ଓ ଶିକ୍ଷକ କାହିଁକି ନାହାନ୍ତି, ୨୨ବର୍ଷ ଶାସନରେ ୨୨ ଭାଗ ଜମିକୁ ଜଳସେଚନ ସୁବିଧା ଏପର୍ଯ୍ୟନ୍ତ କାହିଁକି ମିଳିନାହିଁ ବୋଲି ପ୍ରଶ୍ନ କରାଯାଇଛି। ରାଜ୍ୟର ଋଣ ଭାର ୨୦୨୧ ଶେଷ ସୁଦ୍ଧା ୧ ଲକ୍ଷ ୨୫ ହଜାର କୋଟି ଟଙ୍କା । ଆଜି କାହିଁକି ଓଡ଼ିଶାର ଶିଶୁଟିଏ ୨୬.୨୨୨ ଟଙ୍କାର ଋଣ ବୋଝ ନେଇ ଜନ୍ମ ହେଉଛି ବୋଲି ଭାଜପା ଅଭିଯୋଗ ପତ୍ରରେ ପ୍ରକାଶ କରିଛି। ତ୍ରୁଟିପୂର୍ଣ୍ଣ ପଞ୍ଚାୟତ ବ୍ୟବସ୍ଥାରେ ସୁଧାର ଆଣିବା ସହ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ବୋଲି ଭାଜପା ନେତାମାନେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମିଡିଆ କୋଅର୍ଡିନେଟର ଦେବଦାସ ମହାକୁଡ ଓ ଶୁଭାମ ଚୌଧୁରୀ ଉପସ୍ଥିତ ଥିଲେ।

## ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ରାୟଗଡ଼ା ଅଫିସ, ୩୧।୧**

- ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ ମାମଲା
- ଶ୍ୱଶୁର, ନଣନ୍ଦଙ୍କୁ ଗିରଫ ଦାବି

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ କୁମୁଟଲପେଣ୍ଠା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ମହିଳା ଘରେ ଆତ୍ମହତ୍ୟା କରିଥିଲେ। ତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ରବିବାର ଅଭିଯୋଗ ହୋଇଥିଲା। ମୃତ ରୋଜି ନାୟକଙ୍କ ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ରବିବାର ସ୍ୱାମୀ ସତ୍ୟଜିତ ମଲିକଙ୍କୁ ଅଟକ ରଖିଥିଲା। ସୋମବାର ତାଙ୍କୁ କେବଳ ଯୌତୁକ ନିର୍ଯାତନା ଅଭିଯୋଗରେ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ଜଗତସିଂହପୁର ଜିଲା ବିରିକି ଥାନା ଅଞ୍ଚଳର ସଞ୍ଜୀବ ମଲିକ ଚାନ୍ଦିଲି ଥାନା ଅନ୍ତର୍ଗତ କୁମୁଟଲ ପେଣ୍ଠାଠାରେ ସ୍ତ୍ରୀ ରୋଜିଙ୍କ ସହ ଭଡ଼ାରେ ରହି ଆସୁଥିଲେ। ରୋଜି ରାୟଗଡ଼ାରେ ଡିପ୍ଲୋମା କରୁଥିବାବେଳେ ସେଠାରେ ସତ୍ୟଜିତଙ୍କ ଭଉଣୀ(ରୋଜିଙ୍କ ନଣନ୍ଦ) ଏବଂ ଦାଦାଙ୍କ ପୁଅ ଦୀପକ ମଧ୍ୟ ରହୁଥିଲେ। ଶନିବାର ସନ୍ଧ୍ୟାରେ ଘରେ କେହି ନ ଥିବା ସମୟରେ ରୋଜି ପଙ୍ଖାରେ ଓଢଣି ଲଗାଇ ଆତ୍ମହତ୍ୟା କରିଥିବା ସ୍ୱାମୀ କହିଥିଲେ। ତେବେ କାହାକୁ ନ ଜଣାଇ ସଞ୍ଜୀବ ଓ ପ୍ରଦୀପ ରୋଜିଙ୍କ ମୃତଦେହ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଖବର ପାଇ ରୋଜିଙ୍କ କକା ବିଜୟ କୁମାର ମଲିକ ଝିଆରିକୁ ହତ୍ୟା କରାଯାଇଥିବା ନେଇ ରୋଜିଙ୍କ ସ୍ୱାମୀ, ଶ୍ୱଶୁର ଏବଂ ନଣନ୍ଦଙ୍କ ନାମରେ ଚାନ୍ଦିଲି ଥାନରେ ଏତଲା ଦେଇଥିଲେ। ୧୯/୨୨ରେ ଏକ ମାମଲା ରୁଜୁ ହୋଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ସହଯୋଗ କରୁନାହିଁ ବୋଲି ରୋଜିଙ୍କ ଭିଣୋଇ ସୋମବାର ଅଭିଯୋଗ କରିଛନ୍ତି। ଏଥିସହ ଶ୍ୱଶୁର ଏବଂ ନଣନ୍ଦଙ୍କୁ ମଧ୍ୟ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ସେହିପରି ମୃତଦେହ ସୋମବାର ସକାଳ ପର୍ଯ୍ୟନ୍ତ ବ୍ୟବଚ୍ଛେଦ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଚାନ୍ଦିଲି ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍କାଙ୍କୁ ପଚାରିବାରୁ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅନ୍ୟମାନଙ୍କୁ ଗିରଫ ବିଷୟରେ ଚିନ୍ତା କରିବୁ ବୋଲି କହିଛନ୍ତି। ରବିବାର ବିଳମ୍ବ ଯୋଗୁ ବ୍ୟବଚ୍ଛେଦ ହୋଇପାରି ନ ଥିବା ସେ କହିଛନ୍ତି।

## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ମିଶ୍ରଣ କାର୍ଯ୍ୟକ୍ରମ

**କୋଲନରା,୩୧।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ଥେରୁବାଲି ଡିପି କ୍ୟାମ୍ପ ଠାରେ ସୋମବାର ବିଜେଡି ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଏବଂ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥେରୁବାଲି ଓ ଖେଦାପଡ଼ା ପଞ୍ଚାୟତ ସମେତ ଆଖପାଖ ଗ୍ରାମର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ନୂତନ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ପୂର୍ବତନ ଭାଜପା ମଣ୍ଡଳ ସଭାପତି କମଳ ନିଲଗିରୀ, ମଣ୍ଡଳ ଉପସଭାପତି ସାନ ଚୌଧୁରୀଙ୍କ ସମେତ କଂଗ୍ରେସ ଓ ଅନ୍ୟାନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ପାଇଁ ସେମାନେ ବିଜେଡିରେ ମିଶିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରାକା, ଜିଲା ବିଜେଡି ସଭାପତି ସୁଧୀର ଦାସ, ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନାୟକ, ଜିଲା ପରିଷଦ ପ୍ରାର୍ଥୀ ଧବଳେଶ୍ୱର ନାଇଡୁ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଉଧାର ଟଙ୍କା ମାଗିବାରୁ ଘରେ ପଶି ସଂଘବଦ୍ଧ ଆକ୍ରମଣ

**ଉମରକୋଟ, ୩୧।୧(ସ୍ୱ.ପ୍ର.)**

ଉଧାର ଟଙ୍କା ମାଗିବାରୁ ଜଣେ ଦୋକାନୀଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରିଛନ୍ତି କେତେଜଣ ଯୁବକ। ଏହି ଆକ୍ରମଣରେ ଦୋକାନୀଙ୍କ ସମେତ ତାଙ୍କ ମା' ଓ ଭାଇ ମଧ୍ୟ ଆହତ ହୋଇଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉମରକୋଟ ବ୍ଲକ ଜାମୁରୁଣ୍ଡା ଗାଁର ଜିତେନ ଢାଲି, ନିତେନ ଢ଼ାଲି ଓ ଜିତ ଢାଲି। ଏହି ଘଟଣାରେ ଜଣେ ନାବାଳକ ସମ୍ପୃକ୍ତ ଥିବାରୁ ତାଙ୍କୁ ନୋଟିସ ପରେ ଛଡାଯାଇଛି। ରବିବାର ସନ୍ଧ୍ୟାରେ ଉମରକୋଟ ସହର ଝରିଗାଁ ରୋଡରେ କିରାନା ଦୋକାନ କରିଥିବା ରବିନ୍ଦ୍ର ବରାଡଙ୍କ ସହ ଉଧାରି ଟଙ୍କା ନେଇ ଅଭିଯୁକ୍ତମାନଙ୍କର ଯୁକ୍ତିତର୍କ ହୋଇଥିଲା। ସନ୍ଧ୍ୟା ୮ଟାରେ ୪ ଜଣ ଯୁବକ ରବୀନ୍ଦ୍ରଙ୍କ ଦୋକାନ ସହ ଘରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସମୟରେ ରବୀନ୍ଦ୍ରଙ୍କ ମା ଝୁନୁରାଣୀ ଏବଂ ଦୋକାନରେ କାମ କରୁଥିବା ଦୁଇ ଜଣ ପିଲା ଛଡେଇବା ପାଇଁ ଆସିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ଭାଇ ଅମର ମଧ୍ୟ ଆହତ ହୋଇଛନ୍ତି। ପାଟିତୁଣ୍ଡ ଶୁଣି ସାହି ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି। ଝୁନୁରାଣୀଙ୍କ ଥାନରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ ୪୪/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଜିଲା ପରିଷଦ ସଭ୍ୟ ଆସନ ପାଇଁ କଂଗ୍ରେସର ପ୍ରଚାର ଜୋର୍‌ଦାର

**ବିଜାପୁର ପଞ୍ଚାୟତର ବିକାଶ ବିଜୟଙ୍କ ପ୍ରତିଶ୍ରୁତି**

**ଚନ୍ଦ୍ରପୁର/ମୁନିଗୁଡ଼ା,୩୧।୧(ଡି.ଏନ୍.ଏ.)**



ଜିଲା ପରିଷଦ ପ୍ରାର୍ଥୀ ସମର୍ଥକଙ୍କ ସହ ଗାଁରେ ପ୍ରଚାର କରୁଛନ୍ତି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ବିଜାପୁର ପଞ୍ଚାୟତ ସବୁଠାରୁ ପଛୁଆ ଅଞ୍ଚଳ ରୂପେ ପରିଚିତ। ଟେଲିଫୋନ୍ ସେବା ଏଠାରେ ଲୋକଙ୍କ ପାଇଁ ସ୍ୱପ୍ନ ହୋଇଛି। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ବିଦ୍ୟୁତ୍ ସେବା, ରାସ୍ତାଘାଟ ଆଦି ବ୍ୟବସ୍ଥାରେ ମଧ୍ୟ ଅଞ୍ଚଳ ପଛୁଆ ହୋଇ ରହିଛି। ଚଳିତ ପଞ୍ଚାୟତ ନିର୍ବାଚନରେ ଅଞ୍ଚଳର ବିକାଶ ପ୍ରତିଶ୍ରୁତି ଦେଇ ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କଂଗ୍ରେସ ପକ୍ଷରୁ ଜଣେ ଶିକ୍ଷିତ ଓ ଆଦିବାସୀ ବ୍ୟକ୍ତି ବିଜୟ ପ୍ରସାଦ ଉଲାକା ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ବିଜୟ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରୁଛନ୍ତି। ରବିବାର କର୍ମୀ ଓ ସମର୍ଥକଙ୍କ ସହ ବିଜାପୁର, ମରିଚିଗୁଡ଼ା, କିରାମା, ଖିଲୁଣ୍ଡି, ରାବିଗୁଡ଼ା ଆଦି ଗ୍ରାମକୁ ଯାଇ ପ୍ରଚାର କରିଛନ୍ତି। ତାଙ୍କ ପାଇଁ ଚନ୍ଦ୍ରପୁର ବ୍ଲକ କଂଗ୍ରେସ ସଭାପତି ଉମାଚରଣ ସାହୁ, ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ଦଣ୍ଡସେନା, କଂଗ୍ରେସ କର୍ମୀ ହାଡ଼ିବନ୍ଧୁ ପ୍ରଧାନୀ, ଦେବହରି ଭାଟ, ଜର୍ଜ କ୍ରାଇସ୍କା ପ୍ରମୁଖ ଘରକୁ ଘର ଯାଇ ଭୋଟ ମାଗିଛନ୍ତି।

ସୂଚନାଯୋଗ୍ୟ, ଜିଲା ପରିଷଦ ପ୍ରାର୍ଥୀ ବିଜୟ ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକା, ଡମ୍ବରୁଧର ଉଲାକାଙ୍କ ନିକଟ ସମ୍ପର୍କୀୟ ଭାଇ ଓ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ଦାଦା। ୧୯୬୩ରେ ଚନ୍ଦ୍ରପୁର ବ୍ଲକ ଘୋଷିତ ହେବାପରେ ବିଜୟଙ୍କ ବାପା ଘନଶ୍ୟାମ ଉଲାକା ପ୍ରଥମ ବ୍ଲକ ଅଧ୍ୟକ୍ଷ ହେବାର ସୌଭାଗ୍ୟ ହାସଲ କରିଥିଲେ। ବିଜୟ ୧୯୯୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଡାଙ୍ଗସୋରଡ଼ା ପଞ୍ଚାୟତର ସମିତିସଭ୍ୟ ଓ ଚନ୍ଦ୍ରପୁରର ଜିଲା ପରିଷଦ ସଭ୍ୟ ପଦ ହାସଲ କରିଥିଲେ। ସେହିପରି ଜିଲା ଯୁବ କଂଗ୍ରେସ ସଭାପତି ରୂପେ ୧୫ବର୍ଷ, ଜିଲା ସମ୍ପାଦକ ଓ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଭାବେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ୨୦୧୧ରେ ଦଳୀୟ କନ୍ଦଳ ପାଇଁ କଂଗ୍ରେସର ଗଡ଼ କୁହାଯାଉଥିବା ଚନ୍ଦ୍ରପୁରକୁ ବିଜେଡି ଅଧିକାର କରିଥିଲା। ଚଳିତ ପଞ୍ଚାୟତ ନିର୍ବାଚନରେ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଜୟ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

## ଗୁଣପୁର ପୌରାଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ କାଏମ

**ଗୁଣପୁର,୩୧।୧(ଡି.ଏନ୍.ଏ)**

**ରାୟଗଡ଼ା ଅଣସଂରକ୍ଷିତ, ଗୁଡାରୀ ଆଦିବାସୀ ମହିଳାଙ୍କ ପାଇଁ**

ପୌର ପରିଷଦର ଅଧ୍ୟକ୍ଷ ନିର୍ବାଚନ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ସୋମବାର ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାରେ ରାୟଗଡ଼ା ଜିଲାର ୨ ପୌରାଧ୍ୟକ୍ଷ ଏବଂ ଗୋଟିଏ ଏନ୍ଏସି ଅଧ୍ୟକ୍ଷ ଆସନ ସଂରକ୍ଷଣ ନିଷ୍ପତ୍ତି କାଏମ ରହିଛି। ରାୟଗଡ଼ା ପୌରାଧ୍ୟକ୍ଷ ପଦବୀ ପୂର୍ବଭଳି ଅଣସଂରକ୍ଷିତ ରହିଛି। ସେହିପରି ଗୁଣପୁର ପୌରାଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ଏବଂ ଗୁଡାରି ଏନ୍ଏସି ଅଧ୍ୟକ୍ଷ ଆସନ ଆଦିବାସୀ ମହିଳାଙ୍କ ପାଇଁ ରହିଛି। ଜାନୁୟାରୀ ୧୫ରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ ୧୫ ଦିନ ମଧ୍ୟରେ ନିର୍ଦ୍ଦେଶକଙ୍କ ନିକଟରେ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଅବଧି ଶେଷ ପରେ ସୋମବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବପରି ଗୁଣପୁର ପୌରାଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରାଖାଯାଇଛି। ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ଗୁଣପୁର ପୌରାଞ୍ଚଳରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ମହିଳା ପ୍ରାର୍ଥୀ ଯୋଗାଡ଼ କରିବା ପାଇଁ ସବୁ ଦଳରେ ଏବେ ତତ୍ପରତା ପ୍ରକାଶ ପାଇଛି। କାହାକୁ ମହିଳା ପ୍ରାର୍ଥୀ କରାଯିବ ସବୁ ଦଳ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ହୋଇଛି। ନିଜ ପତ୍ନି ଏବଂ ସମ୍ପର୍କୀୟମାନଙ୍କୁ ଦଳୀୟ ପ୍ରାର୍ଥୀ କରାଇବା ପାଇଁ ଏବେଠାରୁ ଲବି ଜୋରଦାର ଆରମ୍ଭ କରିଛନ୍ତି। ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ମହିଳା ପ୍ରାର୍ଥୀଙ୍କୁ ନେଇ ଆରମ୍ଭ ହୋଇଛି ମାନସ ମନ୍ଥନ। ଗୁଣପୁର ପୌରାଧ୍ୟକ୍ଷ ପାଇଁ ସବୁ ଦଳରେ ଅନେକ ପୁରୁଷ ଆଶାୟୀ ଏବଂ ଦାବିଦାର ଥିଲେ। ମହିଳାଙ୍କ ପାଇଁ ଆସନ ସଂରକ୍ଷିତ ହେବାପରେ ପୁରୁଷ ନେତାଙ୍କ ଅଧ୍ୟକ୍ଷ ହେବା ଆଶା ଧୂଳିସାତ ହୋଇଯାଇଛି। ଅଧ୍ୟକ୍ଷ ପାଇଁ ନିର୍ବାଚନ ସିଧାସଳଖ ହେବ। ୧୯୯୮ ନିର୍ବାଚନରେ ଗୁଣପୁର ଏନ୍ଏସି ଅଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ଦୀର୍ଘ ୨୪ ବର୍ଷ ପରେ ପୁଣି ଗୁଣପୁର ପୌରାଧ୍ୟକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## ୫୯ କରୋନା ପଜିଟିଭ ଚିହ୍ନଟ

**କୋରାପୁଟ,୩୧।୧(ସ୍ୱ.ପ୍ର.)**

କୋରାପୁଟ ଜିଲାରେ ସୋମବାର ୫୯ ଜଣ ନୂତନ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାର ଜୟପୁର ପୌରାଞ୍ଚଳରୁ ୮ ଜଣ ଚିହ୍ନଟ ହୋଇଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୪, ସୁନାବେଡା ପୌରାଞ୍ଚଳରୁ ଜଣେ, ଜୟପୁର ବ୍ଲକ ଅଞ୍ଚଳରୁ ୭ , କୋରାପୁଟ ବ୍ଲକରୁ ୫, ଦଶମନ୍ତପୁର ବ୍ଲକରୁ ୩, ବୋରିଗୁମ୍ମା ବ୍ଲକରୁ ୮, ବୈପାରିଗୁଡା ବ୍ଲକରୁ ୫, କୋଟପାଡ ବ୍ଲକରୁ ୬, କୁନ୍ଦୁରା ବ୍ଲକରୁ ଜଣେ, ଲମତାପୁଟ ବ୍ଲକରୁ ୫ , ଲକ୍ଷ୍ମୀପୁର ବ୍ଲକରୁ ଜଣେ, ନନ୍ଦପୁର ବ୍ଲକରୁ ଜଣେ, ନାରାୟଣପାଟଣା ବ୍ଲକରୁ ଜଣେ ଓ ସେମିଳିଗୁଡା ବ୍ଲକଅଞ୍ଚଳରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ରାସ୍ତା ନାହିଁ ତ ଭୋଟ ନାହିଁ

**ଜୟପୁର, ୩୧।୧ (ନି.ପ୍ର.)**

**ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ରାସ୍ତା ନାହିଁ ତ ଭୋଟ ନାହିଁ ଏପରି ନାରା ଦେଇଛନ୍ତି ଗ୍ରାମବାସୀ । ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରଡାଗୁଡା ପଞ୍ଚାୟତ ଅନ୍ତର୍ଗତ ଭାଲୁମହୁଲଠାରୁ ସିଉନାପଦର ଗ୍ରାମ ୩ କିମି ରାସ୍ତା ନିର୍ମାଣ ଏଯାଏ ହୋଇନାହିଁ। ଫଳରେ ସିଉନାପଦର ଓ କତାସର ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଜୟପୁର ଉପଜିଲାପାଳଙ୍କୁ ଦାବିପତ୍ର ଦେଇ ଜଣାଇଛନ୍ତି। ସମାଜିକ କର୍ମୀ ବି. ହରିବାବୁଙ୍କ ନେତୃତ୍ୱରେ ସୋମବାର ଗ୍ରାମବାସୀ ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ଦାବିପତ୍ର ଦେଇଛନ୍ତି । ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରିଡାଗୁଡା ପଞ୍ଚାୟତ ଅନ୍ତର୍ଗତ ଭାଲୁ ମହୁଲଠାରୁ ସିଉନାପଦରକୁ ଗମନାଗମନ କରିବାକୁ କୌଣସି ରାସ୍ତା ଏଯାଏ ନିର୍ମାଣ ହୋଇ ପାରିନାହିଁ । ଏନେଇ ଭାଲୁମହୁଲ, ସିଉନାପଦର, କତାସର ଗ୍ରାମବାସୀ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇ କିଛି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ସେମାନେ ଭୋଟ ବର୍ଜନ ଲାଗି ନିଷ୍ପତ୍ତି ନେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।




ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ମତଦାନରୁ ବଞ୍ଚିତ ହେବେ ରାଜ୍ୟ ବାହାରେ ଥିବା ଭୋଟର

**ବିଷମକଟକ,୩୧।୧(ଡି.ଏନ୍.ଏ.)**

**କୋଭିଡ୍ ପରିସ୍ଥିତି ସହ ଖର୍ଚ୍ଚ କରି ଆସିବାକୁ ମନଉଣା**

ଆଉ କିଛି ଦିନ ପରେ ପଞ୍ଚାୟତ ନିର୍ବାଚନ। ଗ୍ରାମାଞ୍ଚଳର ଭୋଟରଙ୍କ ଭୋଟ ହିଁ ଏହି ନିର୍ବାଚନର ଫଳାଫଳ ନିର୍ଦ୍ଧାରଣ କରିବ। ରାୟଗଡ଼ା ଜିଲାର ଗ୍ରାମାଞ୍ଚଳରୁ ଅନେକ ଭୋଟର ରାଜ୍ୟ ବାହାରେ କାମ କରୁଛନ୍ତି। ବିଶେଷକରି ବିଷମକଟକ, ରାୟଗଡ଼ା, ଗୁଣପୁର ନିର୍ବାଚନ ମଣ୍ଡଳୀରୁ ଶ୍ରମିକମାନେ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କେରଳ, ସୁରତ, କର୍ଣ୍ଣାଟକ ଆଦି ରାଜ୍ୟରେ କାମ କରୁଛନ୍ତି। ନିର୍ବାଚନ ସମୟରେ ବିଭିନ୍ନ ଦଳ ପକ୍ଷରୁ ବ୍ୟବସ୍ଥା କରାଯାଇ ହେଉ କି ନିଜ ଖର୍ଚ୍ଚରେ ସେମାନେ ଭୋଟ ଦେବା ପାଇଁ ଗାଁ ମୁହାଁ ହୋଇଥାନ୍ତି। ଏବେ କୋଭିଡ୍ ପରିସ୍ଥିତି ହୋଇଥିବାରୁ ବାହାରେ ଯାଇ କାମ କରୁଥିବା ଭୋଟରମାନଙ୍କ ଗାଁକୁ ଆଣିବା ପାଇଁ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡ଼ିଛି। ଫଳରେ ସେମାନେ ମତଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ଜିଲାର ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଏହା ନିର୍ବାଚନ ଫଳାଫଳ ଉପରେ ମଧ୍ୟ ପ୍ରଭାବ ପକାଇବା ବୋଲି ଆଶଙ୍କା କରାଯାଉଛି। ଏଭଳି ପରିସ୍ଥିତିରେ କୋଭିଡ୍ କଟକଣାକୁ ପାଳନ କରି ଭୋଟର ମାନଙ୍କୁ ଜିଲାକୁ ଆଣି ସେମାନଙ୍କ ସ୍ୱତନ୍ତ୍ର ରହିବା ଓ ଭୋଟ ଦେବା ବ୍ୟବସ୍ଥା କରାଯାଉ ବୋଲି ମଧ୍ୟ ବିଭିନ୍ନ ରାଜ୍ୟନୈତିକ ଦଳ ମଧ୍ୟରେ ମତପ୍ରକାଶ ପାଉଛି। ଜିଲାରୁ ଏବଂ ବିଷମକଟକ ଅଞ୍ଚଳରୁ କେତେ ବାହାରେ ଅଛନ୍ତି ସେ ନେଇ ପଞ୍ଜୀକୃତ ଶ୍ରମିକଙ୍କ ବିଷୟରେ ଶ୍ରମ ବିଭାଗ ଅଧିକାରୀଙ୍କୁ ପଚାରିବାରୁ କୌଣସି ସୂଚନା ମିଳିପାରି ନ ଥିଲା। ବିଶେଷ ସୂତ୍ରରୁ ସୂଚନା ଅନୁଯାୟୀ, କରୋନାର ପ୍ରଥମ ଲହର ସମୟରେ ରାଜ୍ୟ ସରକାରଙ୍କ ବ୍ୟବସ୍ଥାରେ ବିଷମକଟକ ବ୍ଲକକୁ ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଟ୍ରେନ୍‌ରେ ଆସିଥିଲେ। ଅନେକ ଶ୍ରମିକ ପଞ୍ଜୀକାରଣ କରି ଫେରିଥିବାବେଳେ ଆଉ କେତେଜଣ ନିଜ ଖର୍ଚ୍ଚରେ ମଧ୍ୟ ଆସିଥିଲେ। ନିର୍ବାଚନ କଥା କହିଲେ ସାଧାରଣ ନିର୍ବାଚନ ସମୟରେ ନେତାମାନେ ନିଜ ସ୍ୱାର୍ଥ ପାଇଁ ଖର୍ଚ୍ଚକରି ରାଜ୍ୟ ବାହାରୁ ଭୋଟରମାନଙ୍କୁ ଆଣୁଛନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ ସେମାନଙ୍କୁ ଆଣିବା ବ୍ୟବସ୍ଥା କରାଯାଉଛି। ହେଲେ ପଞ୍ଚାୟତ ନିର୍ବାଚନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏ ନେଇ ବିଷମକଟକ କଂଗ୍ରେସର ପୂର୍ବତନ ଉପାଧ୍ୟକ୍ଷ ଦିଲୀପ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଦୁଃଖର ବିଷୟ ହେଲା ରାଜ୍ୟ ସରକାର ବାହାର ରାଜ୍ୟରେ କାମ କରୁଥିବା ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା ନ କରି ସେମାନଙ୍କ ମତଦାନ ଅଧିକାର ଛଡ଼ାଇ ନେଉଛନ୍ତି। ଏ ନେଇ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ବାହାର ଶ୍ରମିକଙ୍କୁ ଆଣିବା ପାଇଁ ନିୟମ ଅଛି କି ନାହିଁ ବୁଝିବି ବୋଲି କହିଛନ୍ତି।

**୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସର ଗ୍ରହଣ**

ମାଲକାନଗିରି, (ଡି.ଏନ୍.ଏ.) - ମାଲକାନଗିରି ଜିଲା ପ୍ରାଥମିକ ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ କିଶୋର ଖସଲା ସୋମବାର ଅବସର ଗ୍ରହଣ କରିଛନ୍ତି। ସେ ମଧ କିଛି ବର୍ଷ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ତାଙ୍କୁ ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ଜିଲା ପ୍ରକଳ୍ପ ସଂଯୋଜକ ମାନସ ଜେନା ଏବଂ ଅଧିକାରୀମାନେ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। କିଶୋର ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ୧୯୯୦ରେ ଅଣ ଅନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମରେ ନିଯୁକ୍ତି ପାଇଥିଲେ। ମାତ୍ର ସରକାରଙ୍କ ନିୟମ ଅନୁସାରେ ତାଙ୍କୁ ପରବର୍ତ୍ତୀ ସମୟରେ ଚାକିରିରେ ନିୟମିତ କରାଯାଇ ନ ଯିବାରୁ ସେ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି।



## ସଂକ୍ଷେପରେ

### ଚଢ଼ାଉ: ୧୦ ଡିଏଲ୍ ବାତିଲ

କୋରାପୁଟ,୩୧।୧(ସ୍ୱ.ପ୍ର.)- କୋରାପୁଟ ଟାଉନଥାନା ପୋଲିସ ସୋମାବର ସହରର ବିଭିନ୍ନ ସ୍ଥାନରେ ଅମାନିଆ ଗାଡିଚାଳକଙ୍କ ଉପରେ ଚଢ଼ାଉ କରିଛି। ଏହି ସମୟରେ ୧୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିବା ଜଣାଯାଇଛି। ସେହିପରି ୫୩ ଜଣଙ୍କଠାରୁ ୫୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ କୋରାପୁଟ - ଜୟପୁର ରାସ୍ତାରେ ଏହି ଚଢ଼ାଉ କରାଯାଇଥିଲା। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

### ଠକେଇ ମାମଲାରେ ଜଣେ ଗିରଫ

ଜୟପୁର,୩୧।୧(ନି.ପ୍ର.)-ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଲିଙ୍ଗରାଜନଗରର ବିନୋଦ କୁମାର ଥାପେ (୨୫)। ବିନୋଦ ଅନ୍‌ଲାଇନ ଶପିଂର ଏକ ଏଜେନ୍ସି ନେଇଥିଲେ। ସେ ଠକେଇ କରିଥିବା ନେଇ କମ୍ପାନୀ ତରଫରୁ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗର ସତ୍ୟତା ପ୍ରମାଣିତ ହେବାରୁ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ଅବକାରୀ ଚଢ଼ାଉ, ୨ ଗିରଫ

ଜୟପୁର, ୩୧।୧ (ନି.ପ୍ର.)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ୨ଟି ସ୍ଥାନରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫଛି। ନନ୍ଦଗୁଡାର ବନ୍ଧୁ ବାଘ ଓ ହରଡାପୁଟର ରାମକୃଷ୍ଣ ଜାନି। ଉଭୟଙ୍କଠାରୁ ୩୦ ଲିଟର ମଦ ଜବତ ହୋଇଛି।

# କଡ଼ା ଟକ୍କର: ସର୍ବଦଳୀୟ ପ୍ରାର୍ଥୀ ବନାମ ସ୍ୱାଧୀନ ପ୍ରାର୍ଥୀ

**ପଟ୍ଟାଙ୍ଗୀ ଜିଲା ପରିଷଦ ଜୋନ୍-୧**

ପଟ୍ଟାଙ୍ଗୀ,୩୧।୧(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଗ୍ରାମାଞ୍ଚଳରେ ଭୋଟରଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳୁଛି। ପଟ୍ଟାଙ୍ଗୀ ବ୍ଲକ ଅଧୀନ ୧ନଂ. ଜୋନ୍ ଜିଲା ପରିଷଦ ଆସନ ହାତେଇବା ନେଇ ସର୍ବଦଳୀୟ କମିଟି ମମତା ଜାନିଙ୍କୁ ପ୍ରାର୍ଥୀ କରି ତାଙ୍କ ବିଜୟ ନେଇ ରଣନୀତି ଆରମ୍ଭ କରିଥିବା ବେଳେ ତାଙ୍କର ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲଙ୍କ ମଧ୍ୟରେ କଡ଼ା ମୁକାବିଲା ନେଇ ଆଲୋଚନା ହେଉଛି। ବ୍ଲକର କୋଟିଆ ପଞ୍ଚାୟତକୁ ଭିତ୍ତିକରି ସର୍ବଦଳୀୟ ପ୍ରାର୍ଥୀ ମମତା ଭୋଟରଙ୍କ ନିକଟରେ ପହଞ୍ଚୁଛନ୍ତି। ସେ ୬ଟି ପଞ୍ଚାୟତର ବିଜେଡି, କଂଗ୍ରେସ ଓ ଭାଜପା ସମର୍ଥିତ ସମିତିସଭ୍ୟ, ସରପଞ୍ଚ ଏବଂ ୱାର୍ଡ ସଭ୍ୟଙ୍କ ସହାୟତାରେ ବୈଠକ କରି ଭୋଟ ପାଇଁ ନିବେଦନ କରୁଛନ୍ତି। ଅନ୍ୟପକ୍ଷରେ ଏହି ଜୋନ୍‌ରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଟିକାଇ ପୂର୍ବତନ ବିଧାୟିକା ସ୍ୱର୍ଗତ ଚନ୍ଦ୍ରମା ସାନ୍ତାଙ୍କ ନାତୁଣୀ ବୋହୂର ପରିଚୟ ନେଇ ନିଜ ସମର୍ଥକମାନଙ୍କ ସହ ଭୋଟରଙ୍କ ନିକଟରେ ପହଞ୍ଚି ତାଙ୍କୁ ପାଣି ବୋତଲ ଚିହ୍ନରେ ଭୋଟ ଦେବାପାଇଁ ଲୋକଙ୍କୁ ବୁଝାଉଥିବା ଦେଖିବାକୁ ମିଳୁଛି । ସେ ନିର୍ବାଚିତ ହେଲେ କୋଟିଆ ପଞ୍ଚାୟତ ସହ ଅନ୍ୟ ୬ଟି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲ ନିଜ ସମର୍ଥକମାନଙ୍କ ସହ ପ୍ରଚାର କରୁଛନ୍ତି।

# ଜିଲା ପ୍ରାଣୀ ନିଷ୍ଠୁରତା ନିବାରଣ ସମିତିର ନୂତନ ପରିଚାଳନା କମିଟି

ଜୟପୁର, ୩୧।୧ (ନି.ପ୍ର.)

କେନ୍ଦ୍ର ସରକାରଙ୍କ ପ୍ରାଣୀମଙ୍ଗଳ ବିଭାଗର ନିର୍ଦ୍ଦେଶ ଅନୁଯାୟୀ କୋରାପୁଟ ଜିଲା ପ୍ରାଣୀ ନିଷ୍ଠୁରତା ନିବାରଣ ସମିତିର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ଏହି କମିଟିରେ ୨୦ ଜଣ ସଦସ୍ୟ ରହିଛନ୍ତି। କୋରାପୁଟ ଜିଲାପାଳ ଅଧ୍ୟକ୍ଷ ଥିବା ବେଳେ ଏସ୍‌ପି ଉପାଧ୍ୟକ୍ଷ ରହିଛନ୍ତି । ଦ୍ୱିତୀୟ ଉପାଧ୍ୟକ୍ଷ ଦେବେନ୍ଦ୍ର ବାହିନୀପତି ଅଛନ୍ତି । ସଦସ୍ୟ ଭାବେ ଏଡିଏମ୍, ଉପଖଣ୍ଡ ଭେଟନାରି ଅଫିସର, ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, କୋରାପୁଟ, ସୁନାବେଢ଼ା ଓ କୋଟପାଡ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ପଞ୍ଚାୟତ ଅଫିସର, ଜିଲା ଶିକ୍ଷାଧିକାରୀ, ଆରଟିଓ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ମହର୍ଷି ସନ୍ଦିପନି ଗୋଶାଳାର ରଜନିକାନ୍ତ ନାୟକ, ଆଉଲିସ୍ଥିତ ଗୋ ଅନୁସନ୍ଧାନ କେନ୍ଦ୍ରର ଗଣେଶ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ, ଜିଲା ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମରେ ସମ୍ପୃକ୍ତ କୃଷ୍ଣ କେଶବ ଷଡଙ୍ଗୀ, ସିଦ୍ଧାର୍ଥ ଶଙ୍କର ସାହୁ, ଆଜୀବନ ସଦସ୍ୟ କର୍ପୁର ହନ୍ତାଳ, ନିରଞ୍ଜନ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଚିରଞ୍ଜିବୀ ପାତ୍ର,ଭାରତ ପ୍ରାଣୀ ମଙ୍ଗଳ ବୋର୍ଡର ସଦସ୍ୟମାନେ କମିଟିରେ ରହିଥିବା ଜିଲା ପ୍ରାଣୀଧନ ଅଧିକାରୀ ସୂଚନା ଦେଇଛନ୍ତି।

# ଯୁକ୍ତ୨ ଦ୍ୱିତୀୟ ବର୍ଷ ପରୀକ୍ଷା ବାତିଲ ନେଇ ଛାତ୍ରୀଛାତ୍ରଙ୍କ ଦାବିପତ୍ର

କୋରାପୁଟ,୩୧।୧(ସ୍ୱ.ପ୍ର.)

କରୋନା ପରିପେକ୍ଷୀରେ ଠିକଭାବେ ପାଠପଢ଼ା ହୋଇ ନ ଥିବା ଦର୍ଶାଇ ଯୁକ୍ତ୨ ଦ୍ୱିତୀୟ ବର୍ଷ ପରୀକ୍ଷା ବାତିଲ କରିବା ଦାବିରେ ସୋମବାର ଜିଲାର ଯୁକ୍ତ ଦୁଇ ଛାତ୍ରୀଛାତ୍ର ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କୋରନା ଯୋଗୁ ମହାବିଦ୍ୟାଳୟଗୁଡିକରେ ପାଠପଢାରେ ଗୁରୁତର ବିଭ୍ରାଟ ସୃଷ୍ଟି ହୋଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଯୁକ୍ତ ୨ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛି। ଏହି ପରୀକ୍ଷାକୁ ବନ୍ଦ କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।




ଦାବିପତ୍ର ଦେବାକୁ ଆସିଥିବା ଛାତ୍ରୀଛାତ୍ର।

# ଛୋଟ ପିଲାଙ୍କୁ ପତାକା, ପୋଷ୍ଟର ମାରିବା କାମରେ ଲଗାଇଲା ଭାଜପା

**ନିର୍ବାଚନ ପ୍ରଚାର ପାଇଁ ଭୁଲିଗଲେ ନିୟମ**

ମାଲକାନଗିରି,୩୧।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ମାଲକାନଗିରି ଜିଲାରେ ବର୍ତ୍ତମାନ ପ୍ରଚାର କାର୍ଯ୍ୟ ଜୋର ଧରିଛି। ପ୍ରଚାର ମଇଦାନରେ ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କ ସହ ପ୍ରଚାର ଚଳାଇଛନ୍ତି। ତେବେ ଏହି ପ୍ରଚାର କାର୍ଯ୍ୟରେ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ଦଳୀୟ ପତାକା ଲଗାଇବାରେ ଭାଜପା ଛୋଟ ପିଲାମାନଙ୍କୁ ନିୟୋଜିତ କରୁଥିବା ଦେଖିବାକୁ ମିଳିଛି। ନିର୍ବାଚନ କାର୍ଯ୍ୟରେ ୧୮ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି ଦଳ ନିୟୋଜିତ କରିପାରିବେନାହିଁ ବୋଲି ନିୟମ ଥିବା ବେଳେ ମାଲକାନଗିରି ଜିଲାରେ ସ୍କୁଲରେ ପଢୁଥିବା ଛୋଟ ପିଲାଙ୍କୁ ଭାଜପା ନିୟମକର ଉଲ୍ଲଂଘନ କରି ଦଳୀୟ କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଯୋଗ ହେଉଛି। ମାଲକାନଗିରି ଜିଲାର ଏମ୍‌ଭି-୧୦ ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଭାଜପା ଦଳୀୟ ପତାକା ଧରି ପିଲାମାନେ ବିଭିନ୍ନ ସ୍ଥାନରେ ବାନ୍ଧୁଥିବା ବେଳେ ପୋଷ୍ଟର ମଧ ଲଗାଉଛନ୍ତି। ଭାଜପାର ଏପରି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି।



ଏମ୍‌ଭି-୧୦ ଗ୍ରାମରେ ଛୋଟ ପିଲାମାନେ ଭାଜପା ପତାକା ଓ ପୋଷ୍ଟର ମାରୁଛନ୍ତି।

### ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନରେ ୨୦ ଚାଷୀ ନେଲେ ତାଲିମ

ଜୟପୁର, ୩୧।୧ (ନି.ପ୍ର.)- ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନରେ ୨୦ ଜଣ ଚାଷୀ ଜୈବିକ କୃଷି ଉପରେ ତାଲିମ ନେଇଛନ୍ତି। ପଟାଙ୍ଗୀସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରସ୍ତୁତି ପକ୍ଷରୁ ଏହି ଚାଷୀମାନେ ସମ୍ପାଦକ ସୁଶାନ୍ତ ବଳବନ୍ତ ରାୟଙ୍କ ନେତୃତ୍ୱରେ ଦିନିକିଆ ତାଲିମ ନେଇଛନ୍ତି । ପରେ ସେମାନେ କ୍ଷେତ୍ର ପରିଦର୍ଶନ ପାଇଁ କୁନ୍ଦୁରା ବ୍ଲକକୁ ଯାଇଥିଲେ। ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ପ୍ରଶାନ୍ତ ପରିଡା ଓ ନିରଞ୍ଜନ ଗୌଡ ତାଲିମ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

### ଜୁଆଆଡ୍ଡାରେ ଚଢାଉ, ୧୦ ଗିରଫ



ଜୟପୁର, ୩୧।୧ (ନି.ପ୍ର.)

ଉମୁରି ରେଳ ବ୍ରିଜ ତଳେ ଜୁଆଖେଳ ଚାଲୁଥିବା ବେଳେ ଖବର ପାଇ ଜୟପୁର ସଦର ପୋଲିସ ଚଢାଉ କର ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୨୩ହଜାର ୫୩୫ ଟଙ୍କା,୧୦ଟି ମୋବାଇଲ, ତାସ କାର୍ଡକୁ ଜବତ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।



| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୪ | ୧୯୪/ ୧୬ | ୭୭୬/ ୨୫୩୧ (ସ୍ମ) | ମାଳ ସାଧାରଣ | ୦.୨୬୦ | ୦.୦୧୦ | ପ୍ରତାପ ଚନ୍ଦ୍ର ପଧାନ, ପି.- ନାରାୟଣ ଚନ୍ଦ୍ର ପଧାନ, ଜା: ଚଷା, ବା: ନିଜଗାଁ |
| | | ୭୭୬/ ୨୫୪୩ (ସ୍ମ) | ମାଳ ସାଧାରଣ | ୦.୩୫୦ | ୦.୦୨୦ | |
| ୫୫ | ୧୯୪/ ୮୭ | ୯୬୯ (ସ୍ମ) | ବାହାଲ ପାଣି ଦୁଇ | ୦.୩୦୦ | ୦.୦୮୦ | ଲମ୍ବୋଦର ସାହୁ, ପି.- ଦାଶରଥି ସାହୁ, ଜା: ଚଷା, ବା: ନିଜଗାଁ |
| ୫୬ | ୧୯୪/ ୯୧ | ୬୭୪ (ସ୍ମ) | ବେର୍ଣ୍ଣା ସାଧାରଣ | ୦.୦୬୦ | ୦.୦୧୦ | ଧନେଶ୍ୱର ନାୟକ, ପି.- ନିଳାଦ୍ରି ନାୟକ, ଜା: ଚଷା, ବା: ନିଜଗାଁ |
| | | ୬୭୫ | ବେର୍ଣ୍ଣା ସାଧାରଣ | ୦.୧୪୦ | ୦.୧୪୦ | |
| ୫୭ | ୧୯୪/ ୧୦୦ | ୧୬୭୮ | ବାହାଲ ପାଣି ଦୁଇ | ୦.୧୬୦ | ୦.୧୬୦ | ଲମ୍ବୋଦର ସାହୁ, ପି.- ଦାଶ ସାହୁ, ଜା: ଚଷା, ବା: ଗୋଳାବନ୍ଧ |
| ୫୮ | ୧୯୪/ ୧୦୭ | ୧୪୬୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | କୁମାରୀ ବେହେରା, ସ୍ୱା.- ପୂର୍ଣ୍ଣ ଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| | | | | ୪୧.୫୯୦ | ୨୮.୪୨୦ | |

ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସ୍ୱା./- ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0011/2122

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

ନଥି ସଂ. IX (D)-08/2021-201 ତା-26.03.2021

No.V-41:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ଅତା**, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୩ ତା-୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଅତା**, ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ କିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅତା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୧.୨୪ | ଏ ୦.୩୧ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୮।୦୧।୨୦୧୯ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ

**ମୌଜା:- ଅତା, ଥାନା:- ରାମଚନ୍ଦ୍ରପୁର, ତହସିଲ:- ଘସିପୁରା, ଭୂ- ଅର୍ଜନ ମାମଲା ସଂ:- ୦୧/୨୦୧୮**

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୨ | ନାଥ ଯେନା, ପି- ଶଙ୍କର ଯେନା, ବା- ନିଜଗାଁ, ଜା- ପାଣ | ୧୦୯୨ | ଶାରଦ-୨ | ୦.୭୬ | ୦.୧୫ | |
| ୨ | ୨୬୨ | ମଣି ଚରଣ ପାଗଳ, ଆର୍ତ୍ତ ପାଗଳ, ନାରାୟଣ ପାଗଳ, ଜୟନ୍ତ ପାଗଳ, ପି- ଦୁଖା ପାଗଳ, ବା- ନିଜଗାଁ, ଜା- ତନ୍ତି | ୧୦୯୩/ ୧୬୬୩ | ବାଜେଫସଲ- ୧ | ୦.୪୮ | ୦.୧୬ | |
| | | ମୋଟ | | | ୧.୨୪ | ୦.୩୧ | |

OIPR-24045/14/0049/2122 ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର


# ଶତାଧିକ କଂଗ୍ରେସ, ଭାଜପା କର୍ମୀ ସାମିଲ

**ବିଜେଡିର ନିର୍ବାଚନୀ ବୈଠକ**

ଖଇରପୁଟ,୩୧।୧(ଡି.ଏନ୍.ଏ.)

ଖଇରପୁଟଠାରେ ସୋମବାର ବିଜେଡି ପକ୍ଷରୁ ଏକ ଜୋନ୍‌ସ୍ତରୀୟ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ବାକା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରିଣୀର ଯୁଗ୍ମ ସମ୍ପାଦକ ପ୍ରକାଶ ଡାଙ୍ଗ, ରାଜ୍ୟ ଛାତ୍ର ସଂଘ ସଭାପତି ହରିଶଙ୍କର ରାଉତ,ରାଜ୍ୟ ମହିଳା ଅଧ୍ୟକ୍ଷା ମୀରା ପରିଡ଼ା, ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ମାଲକାନଗିରି ଜିଲା ସଂଯୋଜକ ରାଜେନ୍ଦ୍ର ପଣ୍ଡା, ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ନୃସିଂହ ଚରଣ ମହାନ୍ତି, ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ, ସାଂସଦ ପ୍ରତିନିଧି ଜଗନ୍ନାଥ ମାଝି, ଜିଲା ପରିଷଦ ପ୍ରାର୍ଥୀ ବଲି ମାଝି, ବରିଷ୍ଠ ବିଜେଡି ନେତା ଗୌରହରି ସୁଗ୍ରୀ,ବିପିନ ଭୁକ୍ତା, କାଳନ୍ଦୀ ପାତ୍ର, ପଦ୍ମନ ନାୟକ,ବିଷ୍ଣୁ କିର୍ଷାନୀ, ଗୋବିନ୍ଦପାଲୀ ସରପଞ୍ଚ ପ୍ରାର୍ଥୀ ଶ୍ରୀନିବାସ ମୁଦୁଲି,କୁଡୁମୁଲୁଗୁମ୍ମା ସରପଞ୍ଚ ପ୍ରାର୍ଥୀ ମଙ୍ଗଳା ମାଢ଼ି,ଗୋପୀ ପାଙ୍ଗୀ,ଗୋଦରା ବଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ଖଇରପୁଟ ଜୋନ୍‌ର ବିଭିନ୍ନ ପଞ୍ଚାୟତରୁ ୧୦୦ ରୁ ଉର୍ଦ୍ଧ୍ୱ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତେ ମାଲକାନଗିରି ଜିଲାରେ ବିଜେଡିକୁ ୧ନଂ. ସ୍ଥାନରେ ରଖିବାକୁ ଶପଥ ନେଇଥିଲେ।



ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ, ଭାଜପା କର୍ମକର୍ତ୍ତା ।

### ବିଦ୍ୟୁତ୍ କର୍ମଚାରୀ ସଂଘର ଆନ୍ଦୋଳନ

ଜୟପୁର,୩୧।୧(ନି.ପ୍ର.)- ବିଦ୍ୟୁତ୍ ବିଭାଗ ଏସି ଅଫିସ ସମ୍ମୁଖରେ ବିଦ୍ୟୁତ୍ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସୋମବାର ଧାରଣା ଦେଇ ଆନ୍ଦୋଳନ କରିଥିଲେ। କୋରାପୁଟ ଜିଲାରେ ଥିବା ବିଭାଗର ଆଉଟ୍ ସୋର୍ସି କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଏବେ ସୁଦ୍ଧା ଟାଟା ପାୱାର ସେମାନଙ୍କ ଦାବିକୁ ଅଣଦେଖା କରିଆସୁଛି। ଟାଟା ପାୱାର ଦ୍ୱାରା ନିଯୁକ୍ତ ହୋଇଥିବା ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକୁ ନେଇ କର୍ମଚାରୀଙ୍କ



ମଧ୍ୟରେ ଦେଖାଦେଇଥିବା ଅସନ୍ତୋଷ ଏବେ ଆନ୍ଦୋଳନରେ ପରିଣତ ହୋଇଛି। ସେମାନଙ୍କ ଦାବିକୁ ଚପାଇ ଦେବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଖବର ପାଇ ଟାଉନଥାନା ଅଧିକାରୀ ସଞ୍ଜୟ ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ଟାଟା ପାୱାର ଦ୍ୱାରା ନିୟୋଜିତ ବାମୋରିୟ ଘରୋଇ କମ୍ପାନୀର ମୁଖ୍ୟ ଅମିତ ପାଠକଙ୍କୁ ଏସି ଅଫିସକୁ ଡକାଇ ସେଠାରେ ଧାରଣାରେ ବସିଥିବା ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଘରୋଇ କମ୍ପାନୀର ନିର୍ଦ୍ଦେଶକୁ ପ୍ରତ୍ୟାହାର କରାଗଲା ବୋଲି ପାଠକ କହିବା ପରେ କର୍ମଚାରୀମାନେ ଧାରଣାରୁ ଉଠିଥିଲେ। ତେବେ ଆଉଟ୍ ସୋର୍ସି ବିଦ୍ୟୁତ କର୍ମଚାରୀମାନେ ଆସି କାର୍ଯ୍ୟରେ ଯୋଗ ଦେବାକୁ ଆଲୋଚନା ବେଳେ ସହମତି ପ୍ରକାଶ ପାଇଥିଲା।

# ମୋଦି ସରକାର ବିରୋଧରେ ସିପିଆଇର ବିକ୍ଷୋଭ

ଜୟପୁର,୩୧।୧(ନି.ପ୍ର.)

ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ୨୬ ନଂ. ଜାତୀୟ ରାଜପଥର ଶ୍ରମିକ କର୍ମଚାରୀ ଭବନ ସମ୍ମୁଖରେ କେନ୍ଦ୍ରର ମୋଦି ସରକାର ବିରୋଧରେ କୋରାପୁଟ ଜିଲା ସିପିଆଇ ପକ୍ଷରୁ ସୋମବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୀର୍ଘ ୩୮୩ ଦିନର ଆନ୍ଦୋଳନ ପରେ ମୋଦି ସରକାର ଗତ ନଭେମ୍ବର ୧୭ରେ ବିବାଦୀୟ ୩ଟି କୃଷି ଆଇନ ପ୍ରତ୍ୟାହାର କଲେ ବୋଲି ଘୋଷଣା କରିଥିଲେ। ସଂସଦର ଶୀତକାଳୀନ ଅଧିବେଶନରେ ଏହା ବିଧିବଦ୍ଧ ଭାବେ ପ୍ରତ୍ୟାହୃତ ହୋଇଥିଲା। କୃଷି ଆଇନ ପ୍ରତ୍ୟାହାର କରିଥିଲେ ମଧ୍ୟ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ଆଇନ ପ୍ରଣୟନ କରିବା, ବିଦ୍ୟୁତ୍ ନିୟାମକ ଆଇନ ପ୍ରତ୍ୟାହାର କରିବା, ସ୍ୱାମୀନାଥନ କମିଟିର ସୁପାରିସ ଲାଗୁ କରିବା ପାଇଁ ସେତେବେଳେ କୃଷକମାନେ ଦାବି କରିଥିଲେ। କେନ୍ଦ୍ର ସରକାର ଏନେଇ ଏକ କମିଟି କରି ତୁରନ୍ତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କିଛି ଅଗ୍ରଗତି ହୋଇ ନ ଥିବା ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା କରିଥିବା ଅଭିଯୋଗକୁ ସିପିଆଇ ସମର୍ଥନ କରିଛି। ଏହି ବିକ୍ଷୋଭରେ ଶ୍ରମିକ ନେତା ପ୍ରମୋଦ ମହାନ୍ତି, ସିପିଆଇ ସହ ସମ୍ପାଦକ ରାମକୃଷ୍ଣ ଦାସ, ଜିଲା ଯୁବ ଛାତ୍ର ଆବାହକ ସତ୍ୟବ୍ରତ ନନ୍ଦ, ଚାଷୀ ନେତା ନିତ୍ୟାନନ୍ଦ ପାତ୍ର, ନନ୍ଦ ହରିଜନ, ବିନୋଦ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ହିସାବ ନେଇ ବୈଠକ

କାଲିମେଲା, ୩୧।୧(ଡି.ଏନ.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ମାଲାକାନଗିରି ଜିଲା କାଲିମେଲା ବ୍ଲକର ୨୩ଟି ପଞ୍ଚାୟତରେ ନାମାଙ୍କନପତ୍ର ଦାଖଲ କରିଥିବା ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ନେଇ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ହିସାବ ନେଇ ଏକ ବୈଠକ ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କୁ ନିର୍ବାଚନୀ ହିସାବ ବିବରଣୀ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ବୈଠକରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଉମା ଶଙ୍କର ଦଲାଇ, ଏବିଡିଓ ବସନ୍ତ ବେହେରା ଉପସ୍ଥିତ ରହି ପ୍ରାର୍ଥୀଙ୍କୁ ହିସାବ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ପ୍ରାର୍ଥୀମାନଙ୍କ ଅମାନତ ଜମା, ଭୋଟର ତାଲିକା କିଣିବା ଖର୍ଚ୍ଚ, ମୁଦ୍ରଣ କରିବା, ଘୋଷାଣ ପତ୍ର, ବିଜ୍ଞାପନ ଖର୍ଚ୍ଚ, ପ୍ରଚାର ପତ୍ର, ଘର କନ୍ଥରେ ବିଜ୍ଞାପନ, ପ୍ରକାଶନ, କାଗଜପତ୍ର କିଣା, ସଭାସ୍ଥଳ, ଡାକବାଜି ଯନ୍ତ୍ର, ଗାଡି ମୋଟର ଖର୍ଚ୍ଚ, ତେଲ କିଣା ଏବଂ ଅନ୍ୟାନ୍ୟ ବାବଦରେ ସେମାନେ ଖର୍ଚ୍ଚ କରୁଥିବା ଅର୍ଥର ସମସ୍ତ ତଥ୍ୟ ପ୍ରତ୍ୟେକ ଦିନ ପ୍ରଶାସନକୁ ଦେବାକୁ କୁହାଯାଇଥିଲା। ଶେଷରେ ଏନେଇ ରହିଥିବା ଫର୍ମକୁ ସରପଞ୍ଚ ଓ ସମିତସଭ୍ୟ ପ୍ରାର୍ଥୀମାନେ ସଂଗ୍ରହ କରିଥିବା ଜଣାପଡିଛି।



ବୈଠକରେ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ।

# କୋରାପୁଟ ଜିଲାର ୫୬୨ ବୁଥ୍ ସମ୍ବେଦନଶୀଳ, ୩୪ ଅତି ସମ୍ବେଦନଶୀଳ ଚିହ୍ନଟ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

କୋରାପୁଟ,୩୧।୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଏବେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ ନିର୍ବାଚନକୁ କିପରି ଶାନ୍ତି ଶୃଙ୍ଖଳାର ସହ ଶେଷ କରାଯିବ ସେ ନେଇ ପୋଲିସ ପ୍ରଶାସନ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିତ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତ ପଞ୍ଚାୟତ ନିର୍ବାଚନରେ ଜିଲାରେ ମୋଟ ୨୯୭୩ଟି ବୁଥ ରହିଛି। ସେଥିରୁ ୩୪ଟି ବୁଥ ଅତିସମ୍ବେଦନଶୀଳ ଚିହ୍ନଟ ହୋଇଥିବାବେଳେ ୫୬୨ଟି ସମ୍ବେଦନଶୀଳ ବୁଥ ରୂପେ ଚିହ୍ନଟ କରାଯାଇଛି । ଫେବୃଆରୀ ୧୬ରେ ପ୍ରଥମ ପର୍ଯ୍ୟାୟରେ ଜିଲାର ବୋରିଗୁମ୍ମା, ସେମିଳିଗୁଡା ଓ ବନ୍ଧୁଗାଁ ବ୍ଲକରେ ୭୫୦ଟି ବୁଥ ଜରିଆରେ ନିର୍ବାଚନ ହେବାକୁ ଥିବାବେଳେ ଏଥିରୁ ୨୫ଟି ଅତିସମ୍ବେଦନଶୀଳ (ବନ୍ଧୁଗାଁ) ବୁଥ ରହିଥିବା ବେଳେ ୧୩୯ ବୁଥ ସମ୍ବେଦନଶୀଳ ବୁଥ ରୂପେ ଚିହ୍ନଟ କରାଯାଇଛି । ସେହିପରି ଫେବୃଆରୀ ୧୮ ରେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ଜୟପୁର, କୋରାପୁଟ, ପଟ୍ଟାଙ୍ଗି ବ୍ଲକ ଅଞ୍ଚଳରେ ଥିବା ୬୫୨ଟି ବୁଥରେ ନିର୍ବାଚନ ହେବାକୁ ଥିବାବେଳେ ସେଥିରୁ ୧୧୬ ସମ୍ବେଦନଶୀଳ ବୁଥ ରହିଛି । ତୃତୀୟ ପର୍ଯ୍ୟାୟ ଫେବୃଆରୀ ୨୦ରେ ନନ୍ଦପୁର, କୁନ୍ଦୁରା, ଲକ୍ଷ୍ମୀପୁର ବ୍ଲକରେ ମୋଟ ୬୧୩ଟି ବୁଥ ରହିଥିବାବେଳେ ସେଥିରୁ ୪ଟି ଅତି ସମ୍ବେଦନଶୀଳ ବୁଥ ଓ ୭୧ଟି ସମ୍ବେଦନଶୀଳ ବୁଥ ରହିଛି । ଚତୁର୍ଥ ପର୍ଯ୍ୟାୟରେ ଫେବୃଆରୀ ୨୨ରେ ଜିଲାର କୋଟପାଡ, ଦଶମନ୍ତପୁର ଓ ନାରାୟଣପାଟଣା ବ୍ଲକର ୫୩୮ ବୁଥରେ ନିର୍ବାଚନ ହେବ। ଏଥିରୁ ୧୦୧ ସମ୍ବେଦନଶୀଳ ବୁଥ ରହିଛି । ପଞ୍ଚମ ପର୍ଯ୍ୟାୟ ଫେବୃଆରୀ ୨୪ରେ ଜିଲାର ବୈପାରିଗୁଡା ଓ ଲମତାପୁଟ ବ୍ଲକ ପାଇଁ ୪୨୦ଟି ବୁଥ ରହିଥିବାବେଳେ ସେଥିରୁ ୫ଟି ଅତି ସମ୍ବେଦନଶୀଳ ବୁଥ ରୂପେ ଚିହ୍ନଟ ହୋଇଥିବାବେଳେ ୧୩୫ଟି ସମ୍ବେଦନଶୀଳ ବୁଥ ରହିଥିବା ଜିଲା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

